# ଡିସେମ୍ବର ୨୦ରୁ 'ଇଡିତାଲ'

**ଗୁଣପୁର,୧୩।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ଉପଖଣ୍ଡସ୍ତରୀୟ ଚଇତି ମହୋତ୍ସବ 'ଇଡିତାଲ' ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଉପଖଣ୍ଡ ଚଇତି ପାଳନ କମିଟି ଅଧ୍ୟକ୍ଷ ତଥା ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦରଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ଡିସେମ୍ବର ୨୦ରୁ ୩ ଦିନ ପାଇଁ ଚଇତି ପାଳନ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ଏଥିରେ ସ୍ଥାନୀୟ କଳାକାର ସାମିଲ ହେବେ। ଏଥିସହ ଆଦିବାସୀ ଲୋକନୃତ୍ୟ ସ୍ଥାନ ପାଇବ। ୨୦ ତାରିଖରେ ଜଗନ୍ନାଥ ମନ୍ଦିରରୁ ଚଇତିର ଶୁଭାରମ୍ଭ ହେବ। ଏଥିରେ ସୁନ୍ଦର ଶିଶୁ, ମ୍ୟୁଜିକଚେୟାର, ଝୋଟି, ଭଲିବଲ, ବରିଷ୍ଠ ଏବଂ କନିଷ୍ଠ ବର୍ଗର ପିଲାଙ୍କୁ ନେଇ ବିଜ୍ଞାନ ମେଳା କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦେବକୀ ଗମାଙ୍ଗ, ବିଡିଓ ଶାନ୍ତିପ୍ରଭା ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ଆବାହକ ଡ.ଚନ୍ଦ୍ରଧ୍ୱଜ ପଣ୍ଡା, ପୌର ନିର୍ବାହୀ ଅଧିକାରୀ ଉମାପ୍ରସାଦ ଦାସ, ସହକାରୀ ଜିଲାପାଳ ରିନା ପ୍ରଧାନ, ପୁଷ୍ପାଞ୍ଜଳି ଚୌଧୁରୀ, ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ସଭାପତି ବିଜୟ ଗମାଙ୍ଗ, ଜିଲା ପରିଷଦ ସଭ୍ୟ ଅଶ୍ୱନୀ ଗମାଙ୍ଗ, ଗୁଣପୁର ଥାନାଧିକାରୀ ରଶ୍ମି ରଞ୍ଜନ ପ୍ରଧାନ, ଉମା ଚରଣ ପଟ୍ଟନାୟକ, ଅକ୍ଷୟ ଦାସ, କୈଳାସ ଦାସ, ଡ.ସର୍ଯ୍ୟନାରାୟଣ ପଣ୍ଡା, ସହକାରୀ ଯନ୍ତ୍ରୀ ଶ୍ରୀନିବାସ ରାଓ, ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସୁଜାତା ଦାସ, ପୂର୍ବତନ ଏନଏସି ଅଧ୍ୟକ୍ଷ ଶିବ ପ୍ରସାଦ ଗୌଡ ଉପସ୍ଥିତ ଥିଲେ। ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରଶ୍ମିରାଣୀ ନିମାକା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ପ୍ରସ୍ତୁତି ବୈଠକରେ ଅଧିକାରୀ, ଲୋକପ୍ରତିନିଧି ଓ ବୁଦ୍ଧିଜୀବୀ।

**ଉପଖଣ୍ଡସ୍ତରୀୟ ଚଇତି ପ୍ରସ୍ତୁତି ବୈଠକ**
- ଜଗନ୍ନାଥ ମନ୍ଦିରରୁ ବାଜିବ ଚଇତି ବିଗୁଲ
- ୩ଦିନ ଧରି ଚାଲିବ ଲୋକ ମହୋତ୍ସବ
- ପ୍ରତିଭା ଦେଖାଇବେ ସ୍ଥାନୀୟ କଳାକାର

## ସଂକ୍ଷେପରେ




### ଅମ୍ବାଦଳାରେ ୫-ଟି କାର୍ଯ୍ୟକ୍ରମ

**ଅମ୍ବାଦଳା, ୧୩।୧୧(ଡି.ଏନ୍.ଏ.):** ରାୟଗଡ଼ା ଜିଲା ମୁନିଗୁଡ଼ା ବ୍ଲକ ଅଧୀନ ଅମ୍ବାଦଳା ପଞ୍ଚାୟତରେ ୫ଟି କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ସଚେତନତା ତଥା ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ କିପରି ପ୍ରସ୍ତୁତ କରିବାକୁ ହେବ ସେ ନେଇ ସ୍ଥାନୀୟ ଏସ୍‌ଏଚ୍‌ଜିଙ୍କୁ ଭିଡିଓ ମାଧ୍ୟମରେ ବୁଝାଯାଇଥିଲା। ୪ଟି ଏସ୍‌ଏଚ୍‌ଜିଙ୍କୁ ବିଡିଓ ଦିଲୀପ ବେହେରା ଚେକ୍ ପ୍ରଦାନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୬୬ଟି ଅଭିଯୋଗର ଶୁଣାଣି ହୋଇଥିଲା। ବୈଠକରେ ବ୍ଲକ ଚେୟାରମ୍ୟାନ ଶ୍ରୀଧର କରଡ଼ା, ତହସିଲଦାର ଦେବାଶିଷ ଗୌଡ଼, ସରକାରୀ ମେଡିକାଲ ଡାକ୍ତର, ବନ ବିଭାଗ ଅଧିକାରୀ, ଆର୍‌ଡି ବିଭାଗ ଆର୍‌ଡବ୍ଲ୍ୟୁଏସ୍‌ଏସ୍ ଜେଇ, ଆଇଟିଡିଏସ୍ ସିଡିପିଓ, ପ୍ରାଣୀ ବିଭାଗ ଡାକ୍ତର, ବିଇଓ, ସରପଞ୍ଚ ଜାନକି ପ୍ରାସ୍କାକାଙ୍କ ସମେତ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ।

### ଅଲେଖ ମନ୍ଦିର ପରିଚାଳନା କମିଟି ଗଠିତ

**ଗୁଣପୁର, ୧୩।୧୧(ଡି.ଏନ.ଏ):** ରାୟଗଡା ଜିଲା ଗୁଣପୁର ବ୍ଲକ ଘନାନ୍ତ୍ରୀ ପଞ୍ଚାୟତ ଆମ୍ବାବାଡିସ୍ଥିତ ଅଲେଖ ମନ୍ଦିର ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି। ଶେଷଦେବ ସେନାପତି ସଭାପତି, ଲବ ବିଡିକା ସଂପାଦକ ଭାବେ ମନୋନିତ ହୋଇଥିଲେ। ଏହି ସମୟରେ ଆପୁଡୁ ଗାଣ୍ଡା, କବିର ବିଡିକା, ଜାଗିଲି ଶବର, ନଜେ ଶବରଙ୍କ ସମେତ ଗ୍ରାମର ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ୧୫ରୁ ବିଧାନସଭା ସମ୍ମୁଖରେ ଶିକ୍ଷକ ସଂଘର ଆନ୍ଦୋଳନ

**ଭୁବନେଶ୍ୱର, ୧୩।୧୧(ବ୍ୟୁରୋ):** ବେସରକାରୀ ଅନୁଦାନ ଓ ଅଣଅନୁଦାନ ପ୍ରାପ୍ତ ଶିକ୍ଷକ ଏବଂ ଅଣଶିକ୍ଷକ କର୍ମଚାରୀ ସଂଘ ପକ୍ଷରୁ ଆସନ୍ତା ୧୫ରୁ ବିଧାନସଭା ସମ୍ମୁଖରେ ଏକ ବଡ଼ ଆନ୍ଦୋଳନ ହେବ। ବୁଧବାର ଆୟୋଜିତ ଏକ ବୈଠକରେ ସଂଘ ଏଭଳି ନିଷ୍ପତ୍ତି ନେବାସହ ରାଜ୍ୟ ସରକାରଙ୍କୁ ଚେତାବନୀ ଦେଇଛି। ରାଜ୍ୟର ପ୍ରାୟ ୩ଶହ ମହାବିଦ୍ୟାଳୟର ୩ହଜାର ଅଧାପିକା, ଅଧାପକ ଓ କର୍ମଚାରୀ ସ୍ୱଳ୍ପ ବେତନରେ ଦୀର୍ଘ ୧୧ବର୍ଷ ହେଲା କାର୍ଯ୍ୟ କରିଆସୁଛନ୍ତି। ସରକାରଙ୍କ ନିର୍ଦ୍ଦେଶକ୍ରମେ ସେମାନେ ନିଯୁକ୍ତି ପାଇଥିବାବେଳେ ୭ ଘଣ୍ଟା କାର୍ଯ୍ୟ ମଧ୍ୟ କରୁଛନ୍ତି। ତେବେ ଏମାନଙ୍କ ସ୍ଥାୟିତ୍ୱ ପାଇଁ ରାଜ୍ୟ ସରକାରଙ୍କୁ ତାଲିକା ପ୍ରଦାନ କରାଯିବା ସହ ସମସ୍ତ ସମସ୍ୟା ବାବଦରେ ମଧ ଅବଗତ କରାଯାଇଛି। ହେଲେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟ ଏମାନଙ୍କୁ ଏଯାବତ୍ ସରକାରୀ ଅନ୍ତର୍ଭୁକ୍ତ କରିନାହାନ୍ତି। ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ପର୍ଯ୍ୟନ୍ତ ସରକାରୀ ଅନ୍ତର୍ଭୁକ୍ତ ହୋଇ ନ ଥିବା ଅଧାପିକା, ଅଧାପକ ଓ କର୍ମଚାରୀଙ୍କୁ ସରକାରୀ ଅନ୍ତର୍ଭୁକ୍ତ କରିବା, ଚାକିରି ସର୍ତ୍ତାବଳୀ ସହ ପୂର୍ଣ୍ଣ ଅନୁଦାନ ଆଦି ଦୀର୍ଘଦିନ ହେଲା ଦାବି ହୋଇ ଆସୁଥିଲେ ମଧ ସରକାର ଏଥିପ୍ରତି କର୍ଣ୍ଣପାତ କରୁନାହାନ୍ତି। ଏହିସବୁ କାରଣ ଦର୍ଶାଇ ଆନ୍ଦୋଳନ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବ ବୋଲି ସଂଘ ଘୋଷଣା କରିଛି। ବୈଠକରେ ଉପସ୍ଥିତ ସଂଘ ସଭାପତି ଡ. ଦେବ ବିଜୟୀ ମିଶ୍ର, ସାଧାରଣ ସମ୍ପାଦକ ଅଭୟ କୁମାର ପ୍ରଧାନ, ଉପସଭାପତି ରଶ୍ମିତା ମହାପାତ୍ର, କୋଷାଧକ୍ଷ ଦିବ୍ୟକାନ୍ତ ତ୍ରିପାଠୀ, ଆବାହକ ବିମଳ ଚନ୍ଦ୍ର ନନ୍ଦୀ, ରାଜ୍ୟ ସଂଯୋଜକ ସନ୍ତୋଷ କୁମାର ରାୟ ଓ ରବି ନାରାୟଣ କରଣ ପ୍ରମୁଖ ଏହି ସୂଚନା ଦେଇଛନ୍ତି।

### କାନ୍ଥ ପଡ଼ି ଜଣେ ଗୁରୁତର

**ପଦ୍ମପୁର, ୧୩।୧୧ (ଡି.ଏନ.ଏ.):** ବାସୁଦେବପୁର ବ୍ଲକ ଅଧୀନ ବିଦେଇପୁର ପଞ୍ଚାୟତ ଗଦେଇବିନ୍ଧା ଗ୍ରାମରେ କାନ୍ଥ ପଡ଼ି ସୁବାସ ଚନ୍ଦ୍ର ନାୟକ ନାମକ ଜଣେ ବ୍ୟକ୍ତି ଗୁରୁତର ହୋଇଛନ୍ତି। ସେ ଘରେ ଥିବାବେଳେ ହଠାତ୍ କାନ୍ଥ ତାଙ୍କ ଉପରେ ପଡ଼ିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ଜାଗା ଖାଲି କରିବାକୁ ବସ୍ତିବାସିନ୍ଦାଙ୍କୁ ରେଲୱେର ନୋଟିସ

# ମହଲତ, ଥଇଥାନ ଦାବି କଲେ ଜବରଦଖଲକାରୀ




ଦାବିପତ୍ର ଦେବାକୁ ଆସିଥିବା ବସ୍ତିବାସିନ୍ଦା।

**ରାୟଗଡ଼ା ଅଫିସ, ୧୩।୧୧**

ରେଲୱେ ଜମି ଜବରଦଖଲକାରୀଙ୍କୁ ଜାଗା ଛଡ଼ିବା ପାଇଁ ବିଭାଗ ପକ୍ଷରୁ ନୋଟିସ ଦିଆଯାଇଛି। ସ୍ୱଳ୍ପ ସମୟ ମଧ୍ୟରେ ଜାଗା ଖାଲି କରିବା ସମ୍ଭବ ନୁହେଁ ବୋଲି କାମିନୀ ମନ୍ଦିର ନିକଟସ୍ଥ ବସ୍ତି ବାସିନ୍ଦା କହିଛନ୍ତି। ସେମାନେ ବୁଧବାର ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇବା ସହ ଦାବିପତ୍ର ଦେଇଥିଲେ। ବସ୍ତି ବାସିନ୍ଦାମାନେ ଏହି ସ୍ଥାନରେ ଦୀର୍ଘ ୪୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରହି ଆସୁଛନ୍ତି। ବିଭାଗ ତାଙ୍କୁ ୧୫ତାରିଖ ସୁଦ୍ଧା ଜାଗା ଖାଲି କରିବାକୁ ନୋଟିସ ଦେଇଛି। କିନ୍ତୁ କମ୍ ସମୟ ମଧ୍ୟରେ ଜାଗା ଖାଲି କରିବା ସମ୍ଭବ ନୁହେଁ। ଏଠାରେ ବସବାସ କରୁଥିବା ଲୋକେ କୁଲି ମଜୁରି କରି ପରିବାର ପ୍ରତିପୋଷଣ କରୁଛନ୍ତି। ସେମାନଙ୍କ ଥଇଥାନ କଥା ମଧ ପ୍ରଶାସନ ବୁଝୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲାପାଳଙ୍କ ସହ ଏ ନେଇ ଆଲୋଚନା କରିବେ ବୋଲି ଉପଜିଲାପାଳ କହିଛନ୍ତି। ଏହି ଦାବିପତ୍ର ଦେବା ସମୟରେ ରାଜେନ୍ଦ୍ର ବେହେରା,ଅନନ୍ତ ବାରିକ, ଦିନେଶ ବେହେରା, ଶିବ ବେହେରା, ଟୁନା ବେହେରା, ଅସଲିମ ସାହୁ, ରିଶି ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପର୍ଯ୍ୟଟକଙ୍କଠାରୁ ଟଙ୍କା ଲୁଟ୍, ୨ ଅଟକ

**ସଜନାଗଡ଼,୧୩।୧୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ନୀଳଗିରିସ୍ଥିତ ପ୍ରସିଦ୍ଧ ଶୈବପୀଠ ପଞ୍ଚଲିଙ୍ଗେଶ୍ୱରରେ ବୁଧବାର ଜନୈକ ପର୍ଯ୍ୟଟକଙ୍କଠାରୁ ୧୦ ହଜାର ଟଙ୍କା ଲୁଟି ନିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଭଦ୍ରକ ଜିଲା ଭଣ୍ଡାରିପୋଖରୀ ଅଞ୍ଚଳର ମଦନମୋହନ ସାହୁ ଓ ମମତା ଦେଉରୀ ବୁଧବାର ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ବୁଲିବାକୁ ଆସିଥିଲେ। ସେମାନେ ଠାକୁର ଦର୍ଶନ ସାରି ଫେରୁଥିବାବେଳେ ଜୋତା ଷ୍ଟାଣ୍ଡଠାରେ କେତେକ ଯୁବକ ମହିଳା ପର୍ଯ୍ୟଟକ ମମତାଙ୍କୁ ଗାଳିଗୁଲଜ କରି ତାଙ୍କ ବ୍ୟାଗ୍ ଛଡ଼ାଇ ନେଇଥିଲେ। ଏହି ବ୍ୟାଗ୍ ଭିତରେ ୧୦ ହଜାର ଟଙ୍କା ଥିଲା ବୋଲି ମଦନମୋହନ ନୀଳଗିରି ଥାନାରେ ଲିଖିତ ଅଭିଯୋଗ କରିବା ପରେ ସବ୍‌ଇନ୍‌ସପେକ୍ଟର ବାସୁଦେବ ଜୟସିଂହ ଘଟଣାସ୍ଥଳରେ ପହଞ୍ଚି ୨ଜଣଙ୍କୁ ଧରି ଆଣି ଥାନାରେ ପଚରାଉଚରା ଜାରି ରଖିଛନ୍ତି।

# ରାୟଗଡ଼ା ବ୍ଲକସ୍ତରୀୟ ସର୍ଗିଫୁଲ



ଛାତ୍ରୀଛାତ୍ରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

**ରାୟଗଡ଼ା ଅଫିସ, ୧୩।୧୧**

ରାୟଗଡ଼ା ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ବୁଧବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସର୍ଗି ଫୁଲ ଅନୁଷ୍ଠିତ ହୋଇଛି। ତାଡ଼ମା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଟୁକୁ ବାରିକ ଯୋଗ ଦେଇଥିଲେ। ଜିଲା ମଙ୍ଗଳ ଅଧିକାରୀ ନନ୍ଦଲାଲ ବିଶ୍ୱାଳ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପେଦେଣ୍ଡି ରାମୁଲୁ ସମ୍ମାନିତ ଅତିଥି, ଶିକ୍ଷା ମଣ୍ଡଳାଧୀଶ କୃଷ୍ଣଚନ୍ଦ୍ର ମହଲା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, ଚିତ୍ରାଙ୍କନ, ଏକକ ନୃତ୍ୟ, କୁଇଜ, ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଗୁରୁବାର ଉଦ୍‌ଯାପିତ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ (କ) ଜିଲା ପରିଷଦ ସଦସ୍ୟା ଅମ୍ବିକା ବିଡ଼ିକା, ଜିଲା ପରିଷଦ(ଖ) ସଦସ୍ୟ ଗଙ୍ଗାଧର ପୁଆଲା, ଜିଲା ପରିଷଦ ସଦସ୍ୟ (ଗ ) ପି. ଗୌରୀ ଶଙ୍କରଙ୍କ ସମେତ ବିଭିନ୍ନ ବିଦ୍ୟାଳୟ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ଜଳିଗଲା ୪ କୁଇଣ୍ଟାଲ କପା

**ଗୁଣପୁର,୧୩।୧୧(ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଜଗନ୍ନାଥପୁର ପଞ୍ଚାୟତ ଚିନ୍ତାଲୁଗୁଡା ଗ୍ରାମର ସିନେଶୁ ଶବରଙ୍କ କପା ସବୁ ନିଆଁଲାଗି ନଷ୍ଟ ହୋଇଯାଇଛି। ଜଳି ଯାଇଥିବା କପାର ପରିମାଣ ପ୍ରାୟ ୪ କୁଇଣ୍ଟାଲ ବୋଲି ସୂଚନା ସିନେଶୁ କହିଛନ୍ତି। ପ୍ରକାଶ ଯେ, ସିନେଶୁ ଅମଳ ହୋଇଥିବା କପାକୁ ଦାଣ୍ଡରେ ଶୁଖାଇ କିଛି ସମୟ ପାଇଁ ଘରକୁ ଯାଇଥିଲେ। ସେଠାରୁ ଫେରିବା ବେଳକୁ ତାଙ୍କ କପା ଫସଲ ଜଳୁଥିବା ସେ ଦେଖି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଏଥିରେ ସେ ବିଫଳ ହୋଇଥିଲେ। ନିଆଁ ଲାଗିବା କାରଣ ଏଯାଏ ସ୍ପଷ୍ଟ ହୋଇନି। ସିନେଶୁ ଭାଗରେ କପା ଚାଷ କରିଥିଲେ। ସେଥିପାଇଁ ସେ ୪୦ ହଜାର ଟଙ୍କା ଧାର କରିଥିଲେ।



ଶିବିର ଉଦ୍‌ଘାଟନ କରାଯାଉଛି।

## ଯୋଗ ଶିବିର ଉଦ୍‌ଘାଟିତ

**ଗୁଣପୁର,୧୩।୧୧(ଡି.ଏନ୍.ଏ.)**

ଗୁଣପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୋଗ ଶିବିର ଉଦ୍‌ଘାଟିତ ହୋଇଛି। ଜିଆଇଇଟି ବିଶ୍ୱ ବିଦ୍ୟାଳୟ ଡାଇରେକ୍ଟର ଜେନେରାଲ ଡ.ଜଗଦିଶ ପଣ୍ଡା କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବା ସହ ଯୋଗ ବ୍ୟାୟାମର ଆବଶ୍ୟକତା ଉପରେ ବୁଝାଇଥିଲେ। ଯୋଗଦେଇ ସୁସ୍ଥ ଜୀବନ ବଞ୍ଚିବାକୁ ଯୋଗର ଗୁରୁତ୍ୱ ରହିଛି ବୋଲି ପ୍ରଶିକ୍ଷକ ଡ.ହରିଭାଇ ଆର୍ୟନ କହିଥିଲେ। ଶିକ୍ଷକ ପ୍ରଭାତ ମହାପାତ୍ର, ପ୍ରଫୁଲ ଶତପଥୀ, ସୁନୀଲ ପଣ୍ଡା, ଅନନ୍ତ ପଣ୍ଡା, ବିଦୁର ପଣ୍ଡା, ବିମଳ ମିଶ୍ର, ଚିନ୍ମୟ ଗମାଙ୍ଗ, ବିକ୍ରମ ଗମାଙ୍ଗ, ପ୍ରତିଭା ରଥ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କିନ୍ନରଙ୍କୁ ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ା

**ରାୟଗଡ଼ା ଅଫିସ, ୧୩।୧୧**

ଭୁବନେଶ୍ୱର 'ସାଥୀ' ଅର୍ଗାନାଇଜେଶନ ପକ୍ଷରୁ ରାୟଗଡ଼ା ସହରର ତେଜସ୍ୱୀ ହୋଟଲରେ କିନ୍ନରମାନଙ୍କ ପାଇଁ ଏକ କର୍ମଶାଳାର ଆୟୋଜନ କରାଯାଇଛି। ଡିଏସ୍‌ଡବ୍ଲ୍ୟୁ ୱାହିଦା ବେଗମ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କିନ୍ନରମାନଙ୍କୁ କର୍ମକ୍ଷେତ୍ରରେ ହିଂସା ଓ ଭେଦଭାବର ସାମ୍ନା କରିବାକୁ ପଡୁଛି ବୋଲି ଆଦି ସମ୍ବ୍ର ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦନ ନାୟକ କହିଥିଲେ। କିନ୍ନରଙ୍କୁ ଅନେକ ସ୍ଥାନରେ ଘୃଣା ନଜରରେ ଦେଖାଯାଉଛି ବୋଲି ମା ମାଝିଗୌରୀ କମ୍ୟୁନିଟି ବେଶ୍ ଅର୍ଗାନାଇଜେଶନର ପିଙ୍କି ଓ କାଜଲ କହିଥିଲେ। ଏହାକୁ ହ୍ରାସ କରିବାକୁ ସି.ବି.ଓ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ ଆଲୋକପାତ ହୋଇଥିଲା। ରାୟଗଡ଼ା ଡିଏସ୍‌ଡବ୍ଲ୍ୟୁ ମା' ମାଝିଗୌରୀ ସଙ୍ଗଠନ ପକ୍ଷରୁ ନିଆଯାଉଥିବା ପଦକ୍ଷେପକୁ ସ୍ୱାଗତ କରିଥିଲେ। କିନ୍ନରଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ସେ କହିଥିଲେ। କିନ୍ନରଙ୍କ ପାଇଁ କାର୍ଯ୍ୟ କରିବାକୁ କାର୍ଯ୍ୟକ୍ରମରେ ଉପସ୍ଥିତ ସ୍ୱେଚ୍ଛାସେବୀ ସଙ୍ଗଠନକୁ ଆହ୍ୱାନ ଦିଆଯାଇଥିଲା। ସେମାନଙ୍କୁ କର୍ମକ୍ଷେତ୍ରରେ ସୁଯୋଗ ଦେବା, ତାଙ୍କ ସୁରକ୍ଷା ପାଇଁ ନିୟମାବଳୀ ପ୍ରସ୍ତୁତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ପ୍ରାୟ ୪୦ଜଣ କିନ୍ନର ଉପସ୍ଥିତ ଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥି।

## ଡାଙ୍ଗସୋରଡାରେ ପଲ୍ଲୀରେ ପ୍ରଶାସନ

# ୫୬ ହିତାଧିକାରୀଙ୍କୁ ଭତ୍ତା




ଜଣେ ହିତାଧିକାରୀଙ୍କୁ ବିଡ଼ିଓ ଭତ୍ତା ପ୍ରଦାନ କରୁଛନ୍ତି।

**ଚନ୍ଦ୍ରପୁର, ୧୩।୧୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକର ଡାଙ୍ଗସୋରଡା ପଞ୍ଚାୟତ ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ବୁଧବାର ୫ଟି କାର୍ଯ୍ୟକ୍ରମରେ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଋଣ ପ୍ରଦାନ, ଜୀବନ ଜୀବିକା ନିରୁପଣ ଓ ଦକ୍ଷତା ବୃଦ୍ଧି ପାଇଁ ସଚେତନତା ତଥା ଅଭିଯୋଗ ଶୁଣାଣି କରାଯାଇଛି। ସ୍ୱାସ୍ଥ୍ୟ, ଶିକ୍ଷା, ଗମନାଗମନ, ଭତ୍ତା ପ୍ରଦାନ ପାଇଁ ୨୫ରୁ ଊର୍ଦ୍ଧ୍ୱ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ୫୬ ଜଣ ବିଧବା ମହିଳାଙ୍କୁ ଭତ୍ତା ଦିଆଯାଇଥିଲା। ଏଥିରେ ୪ଜଣ ନୂତନ ଭତ୍ତାଧାରୀ ରହିଛନ୍ତି। ମୁଖ୍ୟ ଅତିଥିଭାବେ ଚନ୍ଦ୍ରପୁର ବ୍ଲକ ବିଡ଼ିଓ ଜଜ୍ ଡୁଙ୍ଗଡୁଙ୍ଗ୍ ମହିଳାଙ୍କୁ ଭତ୍ତା ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ସରପଞ୍ଚ ଧାନୁ ମାଝି କୁମୁରୁକା, ସମିତି ସଭ୍ୟ ଅଜୟ ମୁଣ୍ଡ୍ରକା, ଏପିଓ ବିନୟ ପାଣି, କାର୍ଯ୍ୟନିର୍ବାହୀ ଅଧିକାରୀ ଦୟା ଶବର, ଆର୍‌ଆଇ ଅନନ୍ତ ଶେଖର ବେହେରା, ସିଡିପିଓ ମିନାକ୍ଷୀ ସାହୁ, ସିଆରସିସି ନିରଞ୍ଜନ ପ୍ରଧାନ, ଡାକ୍ତର ପ୍ରତ୍ୟୁଷ ମିଶ୍ର, ବ୍ଲକସ୍ତରୀୟ ସାମାଜିକ ସମୀକ୍ଷକ ଦିଲେଶ୍ୱର ଶବର ଯୋଗ ଦେଇଥିଲେ।



ଗୁଣପୁର ବ୍ଲକ ଚିନ୍ତାଲୁଗୁଡା ଗ୍ରାମର ଜଣେ ଚାଷୀଙ୍କ କପା ପୋଡ଼ିଯାଇଛି।

# ସଜାଗ ରହିଲେ ବିପର୍ଯ୍ୟୟ ମୁକାବିଲା ସହଜ ହେବ

**ରାୟଗଡ଼ା ଅଫିସ, ୧୩।୧୧**

ଓଡ଼ିଶା ସ୍ୱତନ୍ତ୍ର ରିଲିଫ କମିଶନର ଏବଂ ଜିଲା ପ୍ରଶାସନର ମିଳିତ ଉଦ୍ୟମରେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ଜିଲାସ୍ତରୀୟ ତାଲିମ ଶିବିର ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଏଥିରେ ଭୁବନେଶ୍ୱରରୁ ଆସିଥିବା ଟିସିଆଇଏଲ୍‌ର ପ୍ରୋଜେକ୍ଟ ମ୍ୟାନେଜର କିଶୋର କୁମାର ସାହୁ, ସନ୍ତୋଷ କୁମାର ଦାଶ ଉପସ୍ଥିତ ଥିଲେ। ପୂର୍ବରୁ ସଚେତନ ହେବା ସହ ସଜାଗ ରହିଲେ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବା ସହଜ ହେବ ବୋଲି ସେମାନେ କହିଥିଲେ। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ପାଇଁ କେଉଁ ସବୁ ପଦକ୍ଷେପ ନେବାକୁ ହେବ ସେ ସମ୍ବନ୍ଧରେ ଏକ ୱେବସାଇଟ୍‌ରୁ ଅଫିସରମାନେ ଜାଣିପାରିବେ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏହି ସମୟରେ ସଜାଗ ରହିବାକୁ ହେବ ବୋଲି ତାଲିମାର୍ଥୀଙ୍କୁ କୁହାଯାଇଛି। ଏହି ସମୟରେ ରାୟଗଡ଼ା ଜିଲାପାଳ ପ୍ରମୋଦ କୁମାର ବେହେରା, ଉପଜିଲାପାଳ ପ୍ରତାପଚନ୍ଦ୍ର ପ୍ରଧାନ, ଗୁଣୁପୁର ଉପଜିଲାପାଳ ସିଦ୍ଧେଶ୍ୱର ବଳିରାମ ବନ୍ଦର ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଏଥିରେ ତାଲିମ ନେଇଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

## ସଂକ୍ଷେପରେ

### ମହିଳାଙ୍କ ଆତ୍ମହତ୍ୟା ଘଟଣା, ସ୍ୱାମୀ ଗିରଫ

**କୁକୁଡାଖଣ୍ଡି,୧୩।୧୧(ଡି.ଏନ.ଏ.):** ସଦର ଥାନା ଅନ୍ତର୍ଗତ ଗୋବନ୍ଦ ବିହାରରେ ରହୁଥିବା କନଷ୍ଟେବଲ ମନୋଜ ରଉତଙ୍କ ସ୍ତ୍ରୀ ମୋନିକା ଗତ ସୋମବାର ପଙ୍ଖାରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ପୋଲିସ ବୁଧବାର ମନୋଜଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ମୋନିକାଙ୍କୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଥିଲା। ସେବେଠୁ ମନୋଜଙ୍କୁ ପୋଲିସ ଅଟକ ରଖି ତଦନ୍ତ ଚଳାଇଥିଲା। ବୁଧବାର ଏ ନେଇ ନଂ.୩୧୩/୧୯ରେ ଏକ ମାମଲା ରୁଜୁ କରାଯାଇ ମନୋଜଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ସନ୍ତୋଷିନୀ ଓରାମ ସୂଚନା ଦେଇଛନ୍ତି।

### ପାଇଥିବା ଟଙ୍କା ଫେରାଇଲେ ଯୁବକ

**ଭଞ୍ଜନଗର,୧୩।୧୧(ଡି.ଏନ.ଏ):** ଭଞ୍ଜନଗର ବ୍ଲକ ଅନ୍ତର୍ଗତ ଗୋହିରିବାଡ଼ିର ଖଗେଶ୍ୱର ନାୟକ ବୁଧବାର ପୂର୍ବାହ୍ନରେ ଏକ ମନିପର୍ସ ପାଇଥିଲେ। ସେଥିରେ ୨,୭୩୦ ଟଙ୍କା ଓ ଅନ୍ୟାନ୍ୟ କାଗଜପତ୍ର ଥିଲା । ଖଗେଶ୍ୱର ଗୁଣ୍ଡିରିବାଡ଼ି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ମାଟିଆ ନାଇକଙ୍କୁ ଏ ସମ୍ପର୍କରେ କହିଥିଲେ । ପରେ ଖଗେଶ୍ୱର ଓ ମାଟିଆ ମିଶି ଭଞ୍ଜନଗର ଆସି ଥାନା ଅଧିକାରୀ ସୁଦିପ୍ତ ସାହୁଙ୍କୁ ଭେଟି ଉକ୍ତ ଟଙ୍କା ଓ କାଗଜପତ୍ର ହସ୍ତାନ୍ତର କରିଥିଲେ । ଏହି ସମୟରେ ଭାଜପା ନେତା ସନ୍ତୋଷ ପାଳ ପ୍ରମୁଖ ଉପସ୍ଥିତ ଥିଲେ ।

### ସିରିଜ୍ ବୋମାମାଡ଼ ଘଟଣା ଜୁଭେନାଇଲକୁ ଗଲେ ନାବାଳକ

**ହାତୀଓଟ,୧୩।୧୧:** ପୋଲସରା ସହରରେ ଗତ ଅକ୍ଟୋବର ୨୬ ତାରିଖରେ ସିରିଜ୍ ବୋମାମାଡ଼ ହୋଇଥିଲା। ଏହି ମାମଲାରେ ମଙ୍ଗଳବାର ପୋଲସରା ପୋଲିସ ୩ଜଣଙ୍କୁ ଗିରଫ କର କୋର୍ଟଚାଲାଣ କରିଥିଲା। ସେମାନଙ୍କ ଠାରୁ ୩ ବୋମା ଉଦ୍ଧାର କରାଯାଇଥିଲା। ଏହି ବୋମାମାଡ଼ ଘଟଣାରେ ବୁଧବାର ପୋଲିସ ଜଣେ ନାବାଳକଙ୍କୁ ପଚାରାଉଚୁରା କରିବା ପରେ ବ୍ରହ୍ମପୁର ଜୁଭେନାଇଲ କୋର୍ଟକୁ ପଠାଇ ଦିଆଯାଇଛି ବୋଲି ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ କହିଛନ୍ତି।

# ସୁଧୁରୁନି ସ୍ୱାଭିମାନ ଅଞ୍ଚଳ ସମସ୍ୟା

**ଚିତ୍ରକୋଣ୍ଡା,୧୩।୧୧(ଡି.ଏନ.ଏ.)**

ଆନ୍ଧ୍ର-ଓଡିଶା ସୀମାନ୍ତ ମାଓବାଦୀ ଉପଦ୍ରୁତ ମାଲକାନଗିରି ଜିଲାର ଚିତ୍ରକୋଣ୍ଡା ସ୍ୱାଭିମାନ ଅଞ୍ଚଳର ବିକାଶ ପାଇଁ ଚିତ୍ରକୋଣ୍ଡା ବ୍ଲକ ଗଠନ ହୋଇଥିଲା। ଇତିମଧ୍ୟରେ ବ୍ଲକ ଗଠନକୁ ୨ ବର୍ଷ ବିତିଗଲାଣି। ମାତ୍ର ବ୍ଲକ ପୂର୍ଣ୍ଣ ରୂପେ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏପର୍ଯ୍ୟନ୍ତ ପୂର୍ବ ବ୍ଲକରୁ ସମସ୍ତ ନଥିପତ୍ର ଚିତ୍ରକୋଣ୍ଡାକୁ ଆସିପାରିନାହିଁ। ଫଳରେ ବିଚ୍ଛିନ୍ନାଞ୍ଚଳବାସୀଙ୍କ ବିକାଶରେ ବାଧା ସୃଷ୍ଟି ହେଉଛି। ପ୍ରଶାସନିକ ଅବହେଳା ଯୋଗୁ ଏଠାରେ ବସବାସ କରୁଥିବା ଆଦିବାସୀଙ୍କ ସାମାଜିକ, ଅର୍ଥନୈତିକ କ୍ଷେତ୍ରରେ ଉନ୍ନତି ହୋଇପାରୁନାହିଁ। ଏହାକୁ ତ୍ୱରାନ୍ୱିତ କରିବା ଲାଗି ପ୍ରଥମେ ଚିତ୍ରକୋଣ୍ଡାର ପୁରୁଣା ପଞ୍ଚାୟତ ଗୃହରେ ଚିତ୍ରକୋଣ୍ଡା ବ୍ଲକ କାର୍ଯ୍ୟାଳୟ ଆରମ୍ଭ ହୋଇଥିଲା। ଏହା କେବଳ ନାମକୁମାତ୍ର ସୀମିତ ହୋଇରହିଛି। ସେଠାରେ ବ୍ଲକ କାର୍ଯ୍ୟ ଚାଲିଛି। ନିକଟରେ ବିଚ୍ଛିନ୍ନାଞ୍ଚଳର ଲୋକେ ନିଜ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟସେବାର ବିକାଶ ନେଇ ଲଞ୍ଚ ଘାଟଠାରେ ଏକାଠି ହୋଇ ସରକାରଙ୍କୁ ଦାବିପତ୍ର ଦେଇଥିଲେ। ଶିକ୍ଷାର ବିକାଶ ପାଇଁ ସରକାର ପ୍ରାଥମିକ ସ୍ତରରେ ଅନେକ ପ୍ରୋତ୍ସାହନ ଘୋଷଣା କରିଥିଲେ ମଧ୍ୟ ସେସବୁ କାର୍ଯ୍ୟକାରୀ କରିବା ପାଇଁ ସରକାରୀ ସ୍ତରରେ ଆନ୍ତରିକତା ଦେଖାଯାଉ ନ ଥିବା ପରିଲକ୍ଷିତ ହେଉଛି । ଏପର୍ଯ୍ୟନ୍ତ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିଜସ୍ୱ କୋଠାକୁ ସ୍ଥାନାନ୍ତର ହୋଇପାରିଲା ନାହିଁ। ଗୃହ କାର୍ଯ୍ୟ ବହୁ ଦିନ ହେଲା ସରିଥିଲେ ସୁଦ୍ଧା ତାହା କାର୍ଯ୍ୟକ୍ଷମ ହୋଇ ପାରୁନାହିଁ । ସେହିପରି ସ୍ୱାସ୍ଥ୍ୟସେବା ମଧ୍ୟ ବ୍ଲକରେ ଅବହେଳିତ ହୋଇ ରହିଛି। ସରକାରଙ୍କ ନିୟମ ଅନୁସାରେ ଏଠାରେ ଡାକ୍ତର ନାହାନ୍ତି। ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ମଧ୍ୟ ବ୍ଲକରେ ଏକପ୍ରକାର ଅଚଳାବସ୍ଥା ସୃଷ୍ଟି ହୋଇଛି। ବ୍ଲକର ୧୮ ପଞ୍ଚାୟତରେ ରହିଥିବା ଗୃହପାଳିତ ପ୍ରାଣୀଙ୍କ ପାଇଁ ମାତ୍ର ୩ ଜଣ ପ୍ରାଣୀ ଚିକିତ୍ସକ ରହିଛନ୍ତି। ବ୍ଲକ କାର୍ଯ୍ୟାଳୟ ପାଇଁ ନୂତନ ରୂପେ ନିର୍ମିତ ଗୃହ କାର୍ଯ୍ୟ ସରିଯାଇଥିଲେ ସୁଦ୍ଧା ଏହା ଏଯାଏ ଉଦ୍‌ଘାଟନ ହୋଇପାରୁନି କି ସେଠାକୁ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତର ହୋଇପାରୁନି। ପଞ୍ଚାୟତ ଗୃହରେ ଚାଲିଥିବା ବ୍ଲକ କାର୍ଯ୍ୟାଳୟ ପାଇଁ ଆବଶ୍ୟକ ଗୃହ ନ ଥିବାରୁ ସେଠାରେ କର୍ମଚାରୀମାନେ କାର୍ଯ୍ୟ କରିବାରେ ସମସ୍ୟା ଉପୁଜୁଛି। ସଭାଗୃହ ଅଭାବରୁ ଏହି ଅଞ୍ଚଳରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ତର୍ଜମା ହୋଇପାରୁନାହିଁ । ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ରହିଥିବା ସମସ୍ୟାଗୁଡିକର ସମାଧାନ ପାଇଁ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।


ନିର୍ମିତ ହୋଇସାରିଥିବା ବ୍ଲକ କୋଠା।

# ଲୋକଙ୍କ ପାଖରେ ପହଞ୍ଚୁଛନ୍ତି ବିଧାୟକ

**ଗୋବିନ୍ଦପାଲି, ୧୩।୧୧ (ଡି.ଏନ.ଏ.)**

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ କାର୍ଯ୍ୟଶୈଳୀ ଏବେ ଆଲୋଚନାର ବିଷୟ ହୋଇଛି। ସେ ଭିନ୍ନଭିନ୍ନ ଚିନ୍ତା ନେଇ ନିର୍ବାଚନମଣ୍ଡଳୀର ଲୋକଙ୍କ ନିକଟରେ ପହଞ୍ଚୁଛନ୍ତି। ଆସନ୍ତା ୧୬ରୁ ପୁଣି ଏକ ଲଘୁଚାପ ହେବାକୁ ଥିବାରୁ ସେ ଚାଷୀମାନଙ୍କୁ ସଚେତନ କରୁଛନ୍ତି। ଜମିରୁ ଆଗୁଆ ଧାନ କାଟି ନେବାକୁ ପରାମର୍ଶ ଦେଉଛନ୍ତି। ମାଥିଲି ଅଞ୍ଚଳର କେତେକ ଚାଷୀଙ୍କୁ ସେ ଦା' ମଧ୍ୟ ଦେଇଛନ୍ତି। କାର୍ତ୍ତିକ ପୂର୍ଣ୍ଣିମା ଦିନ ବିଧାୟକ କେତେକ ସ୍ଥାନରେ ହରିନାମ ସଂକୀର୍ତ୍ତନ କରିବା ମଧ୍ୟ ଦେଖିବାକୁ ମିଳିଛି। ବିଧାୟକ ବାକାଙ୍କ ଏଭଳି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରିଛନ୍ତି। ସାଧାରଣ ଲୋକଙ୍କ ସହ ମିଶି ଏଭଳି ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହେବା ସ୍ୱାଗତଯୋଗ୍ୟ ବୋଲି ଅନେକ ପ୍ରକାଶ କରିଛନ୍ତି।






# ରାଜ୍ୟସ୍ତରରେ ସମ୍ମାନିତ ହେଲେ ମହିଳା ସବ୍‌ଇନ୍ସପେକ୍ଟର

**ମାଲକାନଗିରି,୧୩।୧୧ (ଡି.ଏନ୍.ଏ.)**

ମାଲକାନଗିରି ଆଦର୍ଶ ଥାନାରେ କାର୍ଯ୍ୟରତ ସବ୍‌ଇନ୍ସପେକ୍ଟର ସନ୍ତୋଷୀ ବାରିକଙ୍କୁ ଭୁବନେଶ୍ୱରଠାରେ ଡିଜି ବି.କେ. ଶର୍ମା ସମ୍ମାନିତ କରିଛନ୍ତି। ତଦନ୍ତରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ ଏପରି ରାଜ୍ୟସ୍ତରରେ ସମ୍ମାନିତ କରାଯାଇଛି। ଅନେକ ଅପରାଧୀ ପୋଲିସକୁ ଚକ୍‌ମା ଦେଇ ଖସିଯାଆନ୍ତି। କେତେକ ଅପରାଧଜନିତ ଘଟଣା ପୋଲିସର ତଦନ୍ତରେ ତ୍ରୁଟି ଏବଂ ସାକ୍ଷୀମାନଙ୍କ ବୟାନ ବଦଳ ଯୋଗୁ ବଡବଡ ଅପରାଧୀ ଆଇନ ଆଖିରୁ ଖସିଯାଆନ୍ତି। ମାତ୍ର ଏସଆଇ ସନ୍ତୋଷୀ ଏ କ୍ଷେତ୍ରରେ ଅଲଗା। ସେ ନିଜ ଚାକିରିକାଳ ମଧ୍ୟରେ ଅନେକ ଅପରାଧୀଙ୍କୁ ଧରି ଏହାର ସଠିକ ତଦନ୍ତ କରି ନ୍ୟାୟାଳୟକୁ ବିଚାର ପାଇଁ ପଠାଇଥାନ୍ତି। ମାମଲାର ବିଚାର ଶେଷ ପର୍ଯ୍ୟନ୍ତ ନିଜକୁ ସେଥିରେ ସାମିଲ ରଖିଥାନ୍ତି। ତାଙ୍କର ନିରପେକ୍ଷ ତଦନ୍ତ ଯୋଗୁ ଅନେକ ଅପରାଧୀ ଜେଲ ଭୋଗୁଛନ୍ତି। ବାଲିମେଳା ଥାନାରେ ଥିବା ସମୟରେ ଜଣେ ନାବାଳିକା ବଳାତ୍କାର ଘଟଣାର ଅପରାଧୀ ଖସିଯିବା ପାଇଁ ଅନେକ ଚେଷ୍ଟା କରିଥିଲେ ମଧ୍ୟ ଏହି ମହିଳା ଅଧିକାରୀ ଜଣକ ଘଟଣାର ନରପେକ୍ଷ ତଦନ୍ତ କରି ତାଙ୍କୁ ଆଇନର କାଠଗଡାକୁ ପଠାଇଥିଲେ। ଏବେ ସମ୍ପୃକ୍ତ ଅଭିଯୁକ୍ତ ଜଣକ ୧୦ବର୍ଷ ସଶ୍ରମ କାରାଦଣ୍ଡ ଭୋଗୁଛନ୍ତି।


ଏସ୍‌ଆଇ ସନ୍ତୋଷୀଙ୍କୁ ଡିଜି ସମ୍ମାନିତ କରୁଛନ୍ତି।

■ ତାମନପାଲି ଶିଶୁମୃତ୍ୟୁ ଘଟଣା

# ପ୍ରଶାସନ ତତ୍ପର, ମା' ଓ ଶିଶୁଙ୍କୁ ରନ୍ଧାଖାଦ୍ୟ ପ୍ରଦାନ

**କାଲିମେଲା,୧୩।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା କାଲିମେଲା ବ୍ଲକ ଟିଗଲ ପଞ୍ଚାୟତର ତାମନପାଲି ଗ୍ରାମରେ ବ୍ରଙ୍କୋ ନିମୋନିଆ ରୋଗ ଆତଙ୍କ ଦେଖାଦେଇ ଥିବାରୁ ଏଥିରେ ଆକ୍ରାନ୍ତ ହୋଇ ୬ ଶିଶୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ଗ୍ରାମବାସୀଙ୍କ ମନରୁ ଭୟ ଦୂର ହୋଇନାହିଁ । ଗ୍ରାମରେ ଏବେ ମଧ୍ୟ କିଛି ଶିଶୁ ଥଣ୍ଡା ଜ୍ୱରରେ ଆକ୍ରାନ୍ତ ହୋଇଛନ୍ତି। ଗ୍ରାମରେ କାଲିମେଲା ମେଡିକାଲର ମୋବାଇଲ ହେଲ୍‌ଥ ଟିମ ଉପସ୍ଥିତ ରହି ଶିଶୁ ଓ ମା ମାନଙ୍କ ଚିକିତ୍ସା ଜାରି ରଖିଛନ୍ତି। ପରିସ୍ଥିତି ଉପରେ ସେମାନେ ନଜର ରଖିଛନ୍ତି । ଜିଲା ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ତତ୍ପରତା ପ୍ରକାଶ କରିଛି। ସମ୍ପୃକ୍ତ ଗ୍ରାମକୁ ଜିଲା ଓ ବ୍ଲକର ବିଭିନ୍ନ ଅଧିକାରୀ ଗସ୍ତ କରି ଅନୁଧ୍ୟାନ କରୁଛନ୍ତି । ୩ ଦିନ ହେଲା ଗ୍ରାମର ଶିଶୁ ଓ ମା'ମାନଙ୍କୁ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ରରେ ରନ୍ଧାଖାଦ୍ୟ ପ୍ରଦାନ କରାଯାଉଛି। ବୁଧବାର ଡିଏସଡବ୍ଲ୍ୟୁ ସ୍ୱର୍ଣ୍ଣପ୍ରଭା ବିଶ୍ୱାସ, ଡିପିଏମ ସଞ୍ଜିବ କୁମାର ସାହୁ, କାଲିମେଲା ସିଡିପିଓ ସନ୍ଧ୍ୟାରାଣୀ ନାୟକ ଗ୍ରାମକୁ ଗସ୍ତ କରି ସ୍ଥିତି ତଦାରଖ କରିଛନ୍ତି । କୋରାପୁଟରୁ ଏକ ଟିମ୍ ଆସି ଗ୍ରାମରେ ଚିକିତ୍ସା କରି ଫେରିବା ପରେ ଏବେ କୋରାପୁଟ ମେଡିକାଲ କଲେଜର ମେଡିସିନ ବିଭାଗ ବିଶେଷଜ୍ଞ ଶମ୍ଭୁ ଶଙ୍କର ପାତ୍ର କାଲିମେଲାରେ ରହି ଛୋଟ ଶିଶୁ ମାନଙ୍କ ଚିକିତ୍ସା ଚଳାଇଛନ୍ତି। ସୂଚନାଯୋଗ୍ୟ ଯେ, କାଲିମେଲା ବ୍ଲକ ପ୍ରଶାସନ ମଧ୍ୟ ଉକ୍ତ ଗ୍ରାମପ୍ରତି ପୂର୍ବରୁ ଅଣଦେଖା କରିଆସିଛି। ଗ୍ରାମରେ ବହୁ ଶିଶୁ ଅପପୁଷ୍ଟିର ଶିକାର ହେଉଥିବା ନଜରକୁ ଆସିଛି ।

# ୬୪ କେଜି ଗଞ୍ଜେଇ ଜବତ, ୫ ଗିରଫ

**କାଲିମେଲା,୧୩।୧୧(ଡି.ଏନ.ଏ.)**

ମାଲକାନଗିରି ଜିଲା ମୋଟୁ ପୋଲିସ ଏକ ଜାଇଲୋ ଗାଡିରେ ଗଞ୍ଜେଇ ଚୋରା ଚାଲାଣ ବେଳେ ଜବତ କରିଛି । ଏଥିରେ ସମ୍ପୃକ୍ତ ୫ ଯୁବକଙ୍କୁ ଗିରଫ କରିଛି। ଗାଡି ସମେତ ଗୋଟିଏ ମୋଟରସାଇକେଲକୁ ମଧ୍ୟ ଜବତ କରାଯାଇଛି । ଜବତ ଗଞ୍ଜେଇର ପରିମାଣ ୬୪ କେଜି। ଗିରଫ ଯୁବକମାନେ ହେଲେ ଗମ୍ପାକୋଣ୍ଡା ପଞ୍ଚାୟତ ଏମ୍‌ପିଭି-୨୬ ଗ୍ରାମର ସୁଜନ ବାକଚି, ବିଜନ ବାଗଚି, ପ୍ରଶାନ୍ତ କୁଣ୍ଡୁ, ଭାଗ୍ୟ ମିରିଧା ଓ ଏମ୍‌ଭି-୭୨ ଗ୍ରାମର ପ୍ରସନ୍‌ଜିତ ମଣ୍ଡଳ। ଖବରରୁ ଜଣାପଡିଛି ଗତ ମଙ୍ଗଳବାର ରାତି ସାଢେ ୯ଟାରେ ମୋଟୁ ଥାନା କର୍ମଚାରୀମାନେ କାଲିମେଲା-ମୋଟୁ ଜାତୀୟ ରାଜପଥର ଏମ୍‌ପିଭି-୭୮ ଛକ ନିକଟରେ ପାଟ୍ରୋଲିଂ କରୁଥିଲେ। ଏହି ସମୟରେ ଏକ ଜାଇଲୋ ଗାଡି (ଓଆର ୧୦ ଏଚ ୩୫୬୭) ଦ୍ରୁତ ଗତିରେ ଆସୁଥିବା ଦେଖି ପୋଲିସ କର୍ମଚାରୀମାନେ ତାହାକୁ ଅଟକାଇଥିଲେ। ଏହା ପଛରେ ଏକ ବାଇକ୍ ଆସୁଥିବାରୁ ବାଇକ୍‌କୁ ମଧ୍ୟ ଅଟକାଇଥିଲେ। ପରେ କାର ଭିତର ତଲାସୀ ବେଳେ ସେଥିରୁ ଗଞ୍ଜେଇ ବାହାରିଥିଲା। ପୋଲିସ ଏହି ଗଞ୍ଜେଇ ଜବତ କରି କାର ଓ ବାଇକ ସହ ଚାଲାଣକାରୀମାନଙ୍କୁ ଥାନାକୁ ନେଇଥିଲା। ୭୪।୧୯ରେ ଏକ ମାମଲା ରୁଜୁ କରି ପୋଲିସ ସମ୍ପୃକ୍ତ ୫ ଯୁବକଙ୍କୁ ବୁଧବାର କୋର୍ଟଚାଲାଣ କରିଛି ବୋଲି ଥାନା ଅଧିକାରୀ ରଘୁନାଥ ମାଝି କହିଛନ୍ତି।


ଜବତ ଗଞ୍ଜେଇ ଏବଂ ଗିରଫ ୫ ଅଭିଯୁକ୍ତ।









Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ

# ଗୋପାଳନ ପ୍ରତି ନିରାଶ କରୁଛି ପ୍ରାଣୀ ଚିକିତ୍ସା କେନ୍ଦ୍ର

**ବୈପାରୀଗୁଡ଼ା**
- କର୍ମଚାରୀ ନାହାନ୍ତି, କେନ୍ଦ୍ରରେ ତାଲା
- ଖାଲି ପଡ଼ିଛି ଭେଟେନାରି ଅଫିସର ପଦବୀ
- ବିମୁଖ ହେଉଛନ୍ତି ଉଚ୍ଚଶିକ୍ଷିତ ଯୁବଚାଷୀ

ବୈପାରୀଗୁଡ଼ା,୧୩।୧୧(ଡି.ଏନ୍.ଏ.)

ଗୋପାଳନ ଗ୍ରାମାଞ୍ଚଳ ଲୋକଙ୍କ ରୋଜଗାରର ଏକ ମୁଖ୍ୟ ପନ୍ଥା। କିନ୍ତୁ ବ୍ଲକ ସଦର ସ୍ଥିତ ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଚରମ ଅବହେଳା ଯୋଗୁ ଗୋପାଳନ କରିବା ପାଇଁ ବିମୁଖ ହେଉଛନ୍ତି ଚାଷୀ। ବୈପାରୀଗୁଡ଼ା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ମଙ୍ଗଳବାର ସାଢ଼େ ୧୦ଟା ବେଳର ଦୃଶ୍ୟ ଦେଖିଲେ ଯେ କେହି ଏହା ସ୍ପଷ୍ଟ ହେବ। ସେହି ସମୟରେ ଚିକିତ୍ସା କେନ୍ଦ୍ରରେ କୌଣସି କର୍ମଚାରୀ ନ ଥିବାବେଳେ ବାହାର ପଟୁ ତାଲା ଝୁଲୁଛି। ଚିକିତ୍ସା କରାଇ ନ ପାରି ଅସୁସ୍ଥ ଗୋରୁକୁ ଧରି ଲୋକେ ଘରକୁ ଫେରୁଛନ୍ତି। ଜୟପୁର ବାସଭବନରେ ରହୁଥିବା ଏଭିଏସ୍‌ଙ୍କୁ ଯୋଗାଯୋଗ କରିବାରୁ ସେ ଛୁଟିରେ ଥିବା କହିଥିଲେ। ସ୍ଥାନୀୟ ପଶୁଧନ ନିରୀକ୍ଷକ ମଧ୍ୟ ଛୁଟିରେ ଥିବା ସେ କହିଛନ୍ତି। ଦାୟିତ୍ୱରେ କିଏ ଅଛନ୍ତି, ତାହା ପଚାରିବାରୁ ଜଣେ ଆଟେଣ୍ଡାଣ୍ଟ ଥିବା ସେ କହିଛନ୍ତି। ସେଦିନ ଗୋଟିଏ ଓଳା ସେ ଥିବା କହିଥିଲେ। କିନ୍ତୁ ନିର୍ଦ୍ଧାରିତ ସମୟ ପୂର୍ବରୁ କେନ୍ଦ୍ରରେ ତାଲା ପଡ଼ିବା ଓ କେବଳ ଆଟେଣ୍ଡାଣ୍ଟଙ୍କ ହାତରେ ଚିକିତ୍ସା ଦାୟିତ୍ୱ ଦିଆଯିବା ସମ୍ପର୍କରେ ପ୍ରଶ୍ନ କରିବାରୁ ସନ୍ତୋଷଜନକ ଉତ୍ତର ଦେଇପାରି ନାହାନ୍ତି।

ପ୍ରକାଶ ଯେ, ବୈପାରୀଗୁଡ଼ା ବ୍ଲକ ଅଫିସ୍‌ରୁ ମାତ୍ର କିଛି ଦୂରରେ ଏକ ଭଙ୍ଗା ଦଦରା ଆଜବେଷ୍ଟସ ଛପର ଘରେ ପ୍ରାଣୀ ଚିକିତ୍ସା କେନ୍ଦ୍ର ଚାଲୁଛି। ଦୀର୍ଘଦିନ ତଳୁ ଲକ୍ଷ ଲକ୍ଷ ଟଙ୍କାରେ ଛାତଘର ନିର୍ମାଣ ହୋଇଥିଲେ ମଧ୍ୟ ତାହା ବ୍ୟବହାର ହେଉନାହିଁ। ଫାଟକରେ ଫଳକ ଲାଗି ନ ଥିବାବେଳେ ଚିକିତ୍ସା କେନ୍ଦ୍ର ଖୋଲିବା ନିର୍ଘଣ୍ଟ ସଂପର୍କରେ କେଉଁଠାରେ ଲେଖା ହୋଇନାହିଁ। ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ବ୍ଲକ ଭେଟରନାରୀ ଅଫିସର ପଦବୀ ଦୀର୍ଘ ଦିନ ହେବ ଖାଲି ପଡ଼ିଛି। ଏଭିଏସ୍ ପଦବୀରେ ଥିବା ଜଣେ ମହିଳା ଚିକିତ୍ସକ ଉଭୟ ଦାୟିତ୍ୱରେ ଅଛନ୍ତି। ଉକ୍ତ ପ୍ରାଣୀ ଚିକିତ୍ସା କେନ୍ଦ୍ର ଅଧୀନରେ ୬ ଜଣ ପଶୁଧନ ନିରୀକ୍ଷକ କାମ କରୁଛନ୍ତି। ତେବେ ଅଭିଯୋଗ ହେଉଛି ସଂପୃକ୍ତ ଏଭିଏସ୍ ପଦବୀରେ ଥିବା ମହିଳା ଅଧିକାରୀ ଜଣକ ସରକାରୀ କ୍ୱାର୍ଟର ଥିବା ସତ୍ତ୍ୱେ ଏଠାରେ ନ ରହି ୨୨ କିମି ଦୂର ଜୟପୁରରେ ରହି ଯିବା ଆସିବା କରୁଛନ୍ତି। ତାହା ପୁଣି ଅନିୟମିତ ଭାବେ। ପ୍ରତିଦିନ ସକାଳ ୭ରୁ ୧୧ଟା ଏବଂ ଅପରାହ୍ନ ୪ରୁ ୬ଟା ପର୍ଯ୍ୟନ୍ତ ଚିକିତ୍ସା କେନ୍ଦ୍ର ଖୋଲିବାର ନିୟମ ରହିଛି। ତେବେ ଅଧିକାରୀ ଜଣକ ଦିନ ୧୦ରୁ ଆସି ୪ଟାରେ ଘରକୁ ଫେରୁଛନ୍ତି। ମାସର ଅନେକ ଦିନରେ ଅଫିସ୍ ଆସୁ ନ ଥିବାବେଳେ ପଚାରିଲେ ଛୁଟି ଅଥବା ଅଫିସ୍ କାମରେ ବାହାରେ ଥିବା ସଫେଇ ଦିଅନ୍ତି। ଅନୁରୂପ ଭାବେ ପଶୁଧନ ନିରୀକ୍ଷକମାନେ ମଧ୍ୟ ନିଜ କେନ୍ଦ୍ରରେ ରହୁନାହାନ୍ତି। ତେଣୁ ଡେଇରୀ ଫାର୍ମ କରି ସ୍ୱାବଲମ୍ବୀ ହେବାକୁ ଲକ୍ଷ୍ୟ ରଖିଥିବା ଯୁବକଙ୍କ ଭରସା ତୁଟିଯାଉଛି। ବୈପାରୀଗୁଡ଼ା ବ୍ଲକ ରାମଗିରି ଗ୍ରାମର ଉଚ୍ଚଶିକ୍ଷିତ ଯୁବକ ସିଡୁ ପଣ୍ଡା କିଛି ବର୍ଷ ତଳେ ଡେଇରୀ ଫାର୍ମ କରିଥିଲେ। ସଠିକ୍ ଚିକିତ୍ସା ନ ମିଳିବାରୁ ସେ ଏବେ ଫାର୍ମ ବନ୍ଦ କରିଦେଇଥିବା କହିଛନ୍ତି। ତାଙ୍କ ଅଭିଯୋଗ ହେଲା ଭେଟେରନାରୀକୁ ଆସୁଥିବା ଔଷଧ ବାଟମାରଣା ହେଉଛି। ସଠିକ୍ ଭାବେ ଚିକିତ୍ସା ମିଳୁନାହିଁ। ଅନଭିଜ୍ଞ କର୍ମଚାରୀଙ୍କ ଯୋଗୁ କୃତ୍ରିମ ପ୍ରଜନନ ସଫଳ ହେଉନାହିଁ। ତାଙ୍କ ପାଖରେ ୨୦ରୁ ଅଧିକ ଗାଈ ଥିବାବେଳେ ଦୈନିକ ୧୮୦ ଲିଟର କ୍ଷୀର ବିକୁଥିଲେ। କ୍ଷୀରର ଚାହିଦା ଥିବାବେଳେ ଲୋକେ ଘରକୁ ଆସି ଲିଟର ପିଛା ୪୦ ଟଙ୍କା ଦାମ୍‌ରେ କିଣୁଥିଲେ। ଚିକିତ୍ସା ସେବାରେ ସମସ୍ୟା ହେବାରୁ ସେ ବାଧ୍ୟହୋଇ ଡାଇରି ଫାର୍ମ ବନ୍ଦ କରିଦେଇଛନ୍ତି। ସେହିପରି ଅନ୍ୟ ଜଣେ ଗୋପାଳକ ହେଲେ ଦୋରାଗୁଡ଼ା ପଞ୍ଚାୟତ ମୁଣ୍ଡାଗୁଡ଼ା ଗ୍ରାମର ମୃତ୍ୟୁଞ୍ଜୟ ଜେନା। ସେ ମଧ୍ୟ ୨୦ରୁ ଉର୍ଦ୍ଧ୍ୱ ଉନ୍ନତମାନର ଗାଈ ରଖିଛନ୍ତି। ଚିକିତ୍ସା ଠିକ୍ ଭାବେ ମିଳୁ ନ ଥିବା ସେ ଅଭିଯୋଗ କରିଛନ୍ତି। ଗାଈ ରୋଗରେ ପଡ଼ିଲେ କିମ୍ବା ପ୍ରସବ ବେଳେ ବେସରକାରୀ ଭାବେ ଜୟପୁରରୁ ଡାକ୍ତରଙ୍କୁ ଡାକି ଚିକିତ୍ସା କରାଯିବା ସହ ଫି' ଗଣିବାକୁ ପଡୁଛି। କୃତ୍ରିମ ପ୍ରଜନନ ହୋଇ ନ ପାରିବା କାରଣରୁ ଦେଶୀ ବାଛୁରୀ ଜନ୍ମ ହେଉଛନ୍ତି। ଫଳରେ ତାଙ୍କୁ କ୍ଷତି ସହିବାକୁ ପଡୁଛି। ଏଠାରେ ଉଲ୍ଲେଖଯୋଗ୍ୟ, ବର୍ତ୍ତମାନ ବୈପାରୀଗୁଡ଼ା ବ୍ଲକରେ ଦୈନିକ ଅନ୍ୟୁନ ୫୦ ହଜାର ଲିଟର କ୍ଷୀରର ଚାହିଦା ରହିଛି। କିନ୍ତୁ ଏଠାରେ ଅତି ବେଶିରେ ୧ ହଜାର ଲିଟର କ୍ଷୀର ଉତ୍ପାଦନ ହେଉଛି। ଫଳରେ ଗ୍ରାହକ ବାଧ୍ୟହୋଇ ଆନ୍ଧ୍ରରୁ ଆସୁଥିବା ପ୍ୟାକେଟ୍ କ୍ଷୀର କିଣୁଛନ୍ତି।


ବୈପାରୀଗୁଡା ପ୍ରାଣୀ ଚିକିତ୍ସାକେନ୍ଦ୍ର ବନ୍ଦ ପଡିଛି।

## ସଂକ୍ଷେପରେ

### ଘାଟିରେ ଦୁର୍ଘଟଣା ବାଳକ ମୃତ

**କୋଟପାଡ଼,୧୩।୧୧(ଡି.ଏନ୍.ଏ.):** କୋରାପୁଟ ଜିଲା କୋଟପାଡ଼ ଭନସୁଲି ଗ୍ରାମର କେତେକ ଲୋକେ ଗତ କାର୍ତ୍ତିକ ପୂର୍ଣ୍ଣିମା ଦିନ ଏକ ଅଟୋ (ଓଆର୍୧୦ ଜି ୫୪୯୭)ଭଡ଼ା କରି ଗୁପ୍ତେଶ୍ୱର ଯାଇଥିଲେ। ଉକରି ଘାଟି ନିକଟରେ ଅଟୋଟି ଉଠି ନ ପାରିବାରୁ ଅଟୋ ଡ୍ରାଇଭର ଯାତ୍ରୀଙ୍କୁ ଓହ୍ଲାଇ ଘାଟି ଚଢ଼ାଇବାକୁ ଉଦ୍ୟମ କରୁଥିଲେ। ଅଟୋ ଅଧାରାସ୍ତା ଚଢ଼ି ଆଉ ଆଗକୁ ଯାଇପାରି ନ ଥିଲା। ଫଳରେ ଗାଡ଼ି ପଛକୁ ଗଡ଼ିଆସିବା ବେଳେ ବ୍ରେକ୍ ମଧ୍ୟ କାମ କରି ନ ଥିଲା। ଦ୍ରୁତଗତିରେ ଅଟୋ ତଳକୁ ଖସି ଜଣେ ବାଳକଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ହିଁ ବାଳକ ଜଣଙ୍କର ମୃତ୍ୟୁ ହୋଇଥିଲା। ରାମଗିରି ପୋଲିସ ସେଠାରେ ପହଞ୍ଚି ଅଟୋ ଜବତ କରିଥିଲା। ମୃତଦେହ ଜୟପୁର ପଠାଯାଇ ବ୍ୟବଚ୍ଛେଦ କରାଯିବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ମୃତ ବାଳକ ଜଣ କୋଟପାଡ଼ ଭନସୁଲି ପଞ୍ଚାୟତ ମୁଣ୍ଡାଗୁଡ଼ା ଗ୍ରାମର ବଳଦେବ ସୌରାଙ୍କ ପୁଅ ମନମୋହନ ସୌରା। ପୋଲିସ ଏନେଇ କେସ୍ ନଂ ୧୫୪/୧୯ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ କରୁଛି।

### ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୁଗୁଡ଼ା,୧୩।୧୧(ଡି.ଏନ.ଏ.):** ବୁଗୁଡ଼ା ଥାନା କରଚୁଲି ପଞ୍ଚାୟତ ଅନ୍ତର୍ଗତ କୁମୁଟିଘାଇ ନିକଟ ଏକ ଆମ୍ବଗଛରେ ଝୁଲନ୍ତା ଅବସ୍ଥାରେ ଥିବା ଜଣେ ଯୁବକଙ୍କ ମୃତଦେହକୁ ବୁଧବାର ସକାଳେ ପୋଲିସ ଉଦ୍ଧାର କରିଛି । ମୃତକ ହେଲେ ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ କୁମୁଣ୍ଡା ଗ୍ରାମର ବିଶିକେଶନ ପ୍ରଧାନ (୨୭)। କୌଣସି କାରଣରୁ ସେ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରଛି। ଏ ନେଇ ବୁଗୁଡ଼ା ଥାନାରେ ନଂ.୨୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି।

ବିଶିକେଶନ କିଛିବର୍ଷ ହେଲା କୁମୁଟିଘାଇରେ ତାଙ୍କ ପିଉସା ଘରେ ରହି ଆସୁଥିଲେ। କରଚୁଲିରେ ସେ ଏକ ମୋବାଇଲ ଦୋକାନ କରିଥିଲେ। ନିକଟସ୍ଥ ଗ୍ରାମର ଜଣେ ଯୁବତୀଙ୍କ ସହ ତାଙ୍କର କୁଆଡ଼େ ପ୍ରେମ ସମ୍ପର୍କ ଥିବା ଏବଂ ଏହି ବିଷୟ ଥାନା ପର୍ଯ୍ୟନ୍ତ ଯାଇଥିଲା ବୋଲି କୁହାଯାଉଛି। ତେବେ ବୁଧବାର ବିଶିକେଶନଙ୍କ ମୃତଦେହ ଗଛରେ ଝୁଲୁଥିବା ଦେଖି ପରିବାର ଲୋକ ପୋଲିସକୁ ଖବର ଦେଇଥିଲେ। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ପଠାଯିବା ସହ ତଦନ୍ତ ଜାରି ରହିଥିବା ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା କହିଛନ୍ତି ।

### କମ୍ପ୍ୟୁଟର ଚୋରି ଘଟଣା, ୨ କୋର୍ଟ ଚାଲାଣ

**ଛତ୍ରପୁର,୧୩।୧୧(ଡି.ଏନ.ଏ.):** ଛତ୍ରପୁର ଥାନା ମହାନାଦପୁର ନୃସିଂହନାଥ କଲେଜରୁ ଗତ ୧୦ ତାରିଖ ବିଳମ୍ବିତ ରାତିରେ କମ୍ପ୍ୟୁଟର ଓ ପ୍ରିଣ୍ଟର ଚୋରି ହୋଇଥିଲା । ଏହି ଘଟଣାରେ ୨ ଜଣଙ୍କୁ ଛତ୍ରପୁର ଥାନା ପୋଲିସ ବୁଧବାର ଗିରଫ କରଛି। ସେମାନେ ହେଲେ ଭିକାରୀପଲ୍ଲୀ ଗାଁର ଶିଶିର ନାହାକ ଓ ମୁନା ଦାସ। ଉଭୟଙ୍କଠାରୁ ଚୋରି ସାମଗ୍ରୀ ସହ ବାଇକ୍ ଜବତ ହୋଇଛି।ଚୋରି ନେଇ ଅଧକ୍ଷ ଥାନାରେ ଏତଲା ଦେଇଥିଲେ।

# ଶାଳକାଠ ଜବତ, ୨ ଗିରଫ

କୋରାପୁଟ,୧୩।୧୧(ସ୍ୱ.ପ୍ର.)

ଅଟୋରେ ୧୩ ସିଏଫ୍‌ଟିର ୨୨ ଖଣ୍ଡ ଶାଳକାଠ ଚାଲାଣ ହେଉଥିବା ବେଳେ ବୁଧବାର ଏହାକୁ ଜବତ କରିଛି କୋରାପୁଟ ବନ ବିଭାଗ। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଜଣେ ଜୁଭେନାଲ ରହିଛନ୍ତି। ଗତ ୫ ତାରିଖରେ କୋରାପୁଟର ନୂତନ ରେଞ୍ଜର ଭାବେ ରୋହିତ କୁମାର ଦାୟିତ୍ୱ ନେବା ପରେ ତାଙ୍କୁ ଏହି ପ୍ରଥମ ସଫଳତା ମିଳିଛି। ସୂଚନା ଅନୁଯାୟୀ, ବୁଧବାର କୋରାପୁଟ ସଦର ଥାନା ଓଡ଼ପୁର ଅଞ୍ଚଳରୁ ଅଟୋ (ଓଡି୧୦ ସି ୭୭୨୬) ଯୋଗେ ଶାଳ କାଠ (୨୨ ଖଣ୍ଡ) ସହରର ପୂଜାରିପୁଟକୁ ଆସୁଥିବା ଖବର ମିଳିଥିଲା। କୋରାପୁଟ ରେଞ୍ଜର ରୋହିତ କୁମାରଙ୍କ ନିର୍ଦ୍ଦେଶ କ୍ରମେ ସଦର ଫରେଷ୍ଟର ବାଦଲ ମହାନ୍ତି ଓ ଫରେଷ୍ଟ ଗାର୍ଡ ମନୋଜ ମହାରଣାଙ୍କ ତତ୍ତ୍ୱାବଧାନରେ ବନ ବିଭାଗର ପାରା ଫରେଷ୍ଟର ଟିମ୍ ସହରର ଆଇଓବି ବ୍ୟାଙ୍କ ନିକଟରେ ଜଗି ରହିଥିଲେ। ଅଟୋ ପହଞ୍ଚିବା କ୍ଷଣି ତାକୁ ଅଟକ ରଖାଯାଇ ଶାଳକାଠ ଜବତ କରାଯାଇଥିଲା। ଏଥିରେ ଜଡ଼ିତ ଜଣେ ନାବାଳକଙ୍କ ସମେତ ଓଡ଼ପୁରର ସୁନିଲ ବାଘ (୧୯)ଙ୍କୁ ଗିରଫ କରାଯାଇ କୋର୍ଟରେ ହାଜର କରାଯାଇଥିଲା। ଜଜ୍‌ଙ୍କ ନିର୍ଦ୍ଦେଶ ମୁତାବକ ସେଥିରେ ଥିବା ୧୭ ବର୍ଷର କିଶୋରଙ୍କୁ ବ୍ରହ୍ମପୁରର ଜୁଭେନାଲ କୋର୍ଟକୁ ପଠାଯାଇଛି। ଜବତ କାଠର ମୂଲ୍ୟ ପ୍ରାୟ ୨୪ ହଜାର ଟଙ୍କା ହୋଇଥିବାବେଳେ ଏହାକୁ କୋରାପୁଟ ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟରେ ରଖାଯାଇଛି।ଅଟୋକୁ ଜବତ କରାଯାଇଛି । ଏହି ଘଟଣାରେ ଜଡ଼ିତ ମୁଖ୍ୟ ଅଭିଯୁକ୍ତ ପିଲମନ ବାଘ ଓ ବୁଢୁ କନ୍ଧପାନ ଏବେ ବି ଫେରାର ରହିଥିବା ଜଣାପଡ଼ିଛି।



ଜବତ ଶାଳକାଠ ଓ ଗିରଫ ଅଭିଯୁକ୍ତମାନେ।

- ନିଶା କବଳରେ ବୈପାରୀଗୁଡ଼ା ଛାତ୍ର, ଯୁବପିଢ଼ି

# ବ୍ୟବହାର କରୁଛନ୍ତି ଅଠା, ରବର ସଲ୍ୟୁସନ

ବୈପାରୀଗୁଡ଼ା୧୩।୧୧(ଡି.ଏନ୍.ଏ.)

ବୈପାରୀଗୁଡ଼ା ଅଞ୍ଚଳରେ ଛାତ୍ର ଓ ଯୁବପିଢ଼ି ଏବେ ନିଶାର କବଳରେ। ନିଶାଦ୍ରବ୍ୟ କହିଲେ ସାଧାରଣତଃ ମାଦକ ଦ୍ରବ୍ୟ କିମ୍ବା ତମାଖୁକୁ ବୁଝାଇଥାଏ। କିନ୍ତୁ ସେମାନେ ଏବେ ନୂଆ ପ୍ରକାରର ନିଶାଦ୍ରବ୍ୟ ବ୍ୟବହାର କଲେଣି। କାଠ ଯୋଡ଼େଇ କାମରେ ବ୍ୟବହାର ହେଉଥିବା ଫେବି ଅଠା ଓ ସାଇକେଲ୍ ପଙ୍କଚରରେ ପ୍ୟାଚ୍ ପକାଇବା ପାଇଁ ବ୍ୟବହୃତ ସଲ୍ୟୁସନ ବ୍ୟବହାର କରୁଛନ୍ତି। ଫେବି ଅଠା ଓ ରବର ସଲ୍ୟୁସନକୁ ଜରିମୁଣାରେ ରଖି ହାତରେ କିଛି ସମୟ ମଛିବା ପରେ ସେମାନେ ଜଣକ ପରେ ଜଣେ ଜରିମୁଣାକୁ ଫୁଙ୍କିବା ସହ ସେଥିରେ ମୁହଁ ପୂରାଇ ଆଘ୍ରାଣ କରୁଛନ୍ତି। ଏହି ନିଶା ଅନ୍ୟ କୌଣସି ମାଦକ ଦ୍ରବ୍ୟ ନିଶାଠାରୁ କଡ଼ା । କମ୍ ଦାମ୍ ଓ ସହଜରେ ଉପଲବ୍ଧ ହେଉଥିବା କାରଣରୁ ସେମାନେ ବହୁଳ ଭାବେ ଏହାର ବ୍ୟବହାର କରୁଛନ୍ତି। ଏହା ବ୍ୟତୀତ କେତେକ ପାନ ଦୋକାନରେ ଗଞ୍ଜେଇ ସିଗାରେଟ୍ ମଧ୍ୟ ବିକ୍ରି ହେଉଛି। ସନ୍ଧ୍ୟା ହେଲେ ପରିତ୍ୟକ୍ତ ଅର୍ଦ୍ଧନିର୍ମିତ ଘର ଅଥବା ନିଛାଟିଆ ସ୍ଥାନରେ ସେମାନେ ଆଡ୍ଡା ଜମାଉଛନ୍ତି। ନିଶା ସେବନ କାରଣରୁ ଅନେକ ସମୟରେ ନାବାଳକମାନେ ବହୁ ଅପରାଧରେ ସଂପୃକ୍ତ ହେଉଛନ୍ତି।

# ସଂଗ୍ରହ ହେବ ୨୫ ହଜାର କୁଇଣ୍ଟାଲ ମାଣ୍ଡିଆ

## ଡିସେମ୍ବର ୨୩ରୁ କୋରାପୁଟ ଜିଲାର ୪୪ ମଣ୍ଡି ଦ୍ୱାରା ହେବ ଆଦାୟ

କୋରାପୁଟ,୧୩।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ଚଳିତ ବର୍ଷ ୨୫ ହଜାର କୁଇଣ୍ଟାଲ ମାଣ୍ଡିଆ ଆଦାୟ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ବୁଧବାର ସ୍ଥାନୀୟ ଡିଆରଡିଏ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏକ ଜିଲାସ୍ତରୀୟ କମିଟିର ପ୍ରସ୍ତୁତି ବୈଠକରୁ ଏହା ଜଣାପଡ଼ିଛି। କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା କୃଷି ଉପନିର୍ଦ୍ଦେଶକ ପି.କେ. ମହାନ୍ତି, ଟିଡିସିସିର ଜିଲା ମ୍ୟାନେଜର ଗଙ୍ଗାଧର ମହାନ୍ତିଙ୍କ ସମେତ ବହୁ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହିଥିଲେ । ଚଳିତ ରବୁରେ ଜିଲାରେ ୨୫ ହଜାର କୁଇଣ୍ଟାଲ ମାଣ୍ଡିଆ ସଂଗ୍ରହ ଲକ୍ଷ୍ୟଧାର୍ଯ୍ୟ ହୋଇଥିବାବେଳେ ଡିସେମ୍ବର ୨୩ରୁ ୪୪ଟି ମଣ୍ଡି ମାଧ୍ୟମରେ ମାଣ୍ଡିଆ ଆଦାୟ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି। ଆତ୍ମା ପକ୍ଷରୁ ଏହି ପ୍ରସ୍ତୁତି ବୈଠକର ଆୟୋଜନ କରାଯାଇଥିଲା।


ଜିଲାସ୍ତରୀୟ କମିଟିର ପ୍ରସ୍ତୁତି ବୈଠକ

# ଦୁର୍ଘଟଣାରେ ୨ କଲେଜ ଛାତ୍ର ଗୁରୁତର

ଦିଗପହଣ୍ଡି, ୧୩।୧୧ (ଡି.ଏନ୍.ଏ.)

ଦିଗପହଣ୍ଡି ବ୍ଲକ କୈଠଖଣ୍ଡି ପଞ୍ଚାୟତ ବୁରିପଦର ଗାଁ ଛକ ନିକଟ ବୁଲାଣିରେ ଭାରସାମ୍ୟ ହରାଇ ବାଇକ (ନଂ. ଓଡି୦୭ଏ-୮୫୪୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ବାଇକରୁ ଖସିପଡି ୨ଜଣ କଲେଜ ଛାତ୍ର ଗୁରୁତର ହୋଇଛନ୍ତି। ସେମାନେ ହେଲେ ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି କଲେଜ ଯୁକ୍ତ ୩ ଛାତ୍ର ସଦାଶିବ ପାଣିଗ୍ରାହୀ ଓ ପବିତ୍ର ବଡ଼ମୁଣ୍ଡି। ବୁଧବାର ଉଭୟେ ଗୋଲଣ୍ଡାରୁ କଲେଜ ଅଭିମୁଖେ ବାଇକ ଯୋଗେ ଯାଉଥିବାବେଳେ ଅସାବଧାନତା କାରଣରୁ ଦୁର୍ଘଟଣା ଘଟିଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।


ଅତିଥିମାନେ ବିଜ୍ଞାନ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# କଳା, ବିଜ୍ଞାନ, ଚିତ୍ରକଳା ମେଳା

କୋରାପୁଟ,୧୩।୧୧(ସ୍ୱ.ପ୍ର.)

କୋରାପୁଟ ସ୍ୱାମୀ ବିବେକାନନ୍ଦ ବନଭାରତୀ ବିଦ୍ୟାପୀଠରେ ଶିଶୁ ଦିବସ ଉପଲକ୍ଷେ କଳା, ଚିତ୍ରକଳା, ବିଜ୍ଞାନମେଳା ବୁଧବାର ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟର ପ୍ରାୟ ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ୮୦ଟି ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । ଏହି ମେଳାରେ ବିଚାରକ ଭାବେ ଅମୂଲ୍ୟ ମହାପାତ୍ର, ରାମ ପ୍ରସାଦ ସରାଫ, ଅଶୋକ ପାଢ଼ୀ, ସଦାନନ୍ଦ ବେହେରା ଦାୟିତ୍ୱ ତୁଲାଇଥିଲେ। ପରେ ପ୍ରତ୍ୟେକ ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କାର ରାଶି ପ୍ରଦାନ କରାଯାଇଥିଲା। ଏହି ମେଳାରେ ବିଦ୍ୟାଳୟର ଶିକ୍ଷକ ହେମନ୍ତ ଟଙ୍କ, ଚନ୍ଦ୍ରଶେଖର ପଣ୍ଡା, ଭବାନି ମହାରଣା, ସ୍ୱର୍ଣ୍ଣ ବେହେରା, କୁନ୍ତଳା ପଟ୍ଟନାୟକ, ଉର୍ମିଳା ପାଣିଗ୍ରାହୀ, ପ୍ରିନ୍ସପ୍ରସାଦ, ତପସ୍ୱିନୀ ରାଉତ, ହେମଲତା, ସଂଯୁକ୍ତା ମହାପାତ୍ର, ସୁକାନ୍ତ ପାଣି ପ୍ରତ୍ୟକ୍ଷ ଭାବେ ସହଯୋଗ କରିଥିଲେ। ବିଦ୍ୟାଳୟର ଅଧକ୍ଷା ଅତସୀ ସାହୁ ଧନ୍ୟବାଦ ଦେଇଥିଲେ।

# ପରବ ପାଇଁ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା

ଦାମନଯୋଡ଼ି,୧୩।୧୧ (ସ୍ୱ.ପ୍ର./ଡି.ଏନ୍.ଏ.)

ପରବ ୨୦୧୯ ପାଇଁ କୋରାପୁଟ ଇନଡୋର ଷ୍ଟାଡ଼ିୟମରେ ଅନୁଷ୍ଠିତ ହୋଇଥିବା ମହିଳା ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତାରେ ଦାମନଯୋଡ଼ି ସରସ୍ୱତୀ ବିଦ୍ୟାମନ୍ଦିରର ୨ ଛାତ୍ରୀ ରାଜେଶ୍ୱରୀ ଖରା ଓ ସସ୍ମିତା ଶୁଣ୍ଠି ଚାମ୍ପିୟନ ହୋଇଛନ୍ତି। ଏହି ଦୁଇଜଣଙ୍କ ଯୋଡ଼ି ନିଜ ସ୍କୁଲର ଲିପି ଖିଲ ଓ ପୂଜା ଖିଲଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। କୋରାପୁଟ ବ୍ୟାଡ଼ମିଣ୍ଟନ ଆସୋସିଏଶନର ସଭାପତି ଏ.ଏ. ଖାନ୍ ଓ ସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ବିଜେତାଙ୍କୁ ଟ୍ରଫି, ସ୍ୱର୍ଣ୍ଣ ପଦକ ଓ ୧୫୦୦ ଟଙ୍କା ପୁରସ୍କାର ରାଶି ପ୍ରଦାନ କରିଥିଲେ। ଏହି ସଫଳତା ପାଇଁ ବିଜେତାଙ୍କୁ କୋଚ୍ ଡ. ରମେଶ ଚନ୍ଦ୍ର ସ୍ୱାଇଁ, ସ୍କୁଲ ଅଧ୍ୟକ୍ଷ ଡ. ଶୁଭ୍ରାଂଶୁ ଶେଖର ବାହିନୀପତି ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୁଭେଚ୍ଛା ଜଣାଇଥିଲେ।



ଚାମ୍ପିୟନ ରାଜେଶ୍ୱରୀ ଖରା ଓ ସସ୍ମିତା ଶୁଣ୍ଠି ପୁରସ୍କୃତ ହେଉଛନ୍ତି।

# ପଦ୍ମାଙ୍କ ପାଦରେ ଶିକୁଳି ବନ୍ଧା

- ମସ୍ତିଷ୍କ ବିକୃତିରୁ ଏଭଳି ଜୀବନ କାଟୁଛନ୍ତି ପଦ୍ମା
- ଚିନ୍ତାରେ ବୃଦ୍ଧ ମା'-ବାପା
- ଆବାସ କିମ୍ବା ଚିକିତ୍ସା ସୁବିଧା ମିଳୁନି

କୁନ୍ଦୁରା,୧୩।୧୧(ଡି.ଏନ୍.ଏ.)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାଠାରୁ ମାତ୍ର ୩ କି.ମି. ଦୂରରେ ରହିଥିବା ଚେଣ୍ଡିଆ ଟ୍ରିଲିଗାଁ ଗ୍ରାମରେ ରୁହନ୍ତି ପଦ୍ମା ପରଜା (୨୬)। ମସ୍ତିଷ୍କ ବିକୃତି ଯୋଗୁ ଦୀର୍ଘ ୪ ବର୍ଷ ହେବ ତାଙ୍କ ଗୋଡ଼କୁ ଶିକୁଳିରେ ବାନ୍ଧି ରଖୁଛନ୍ତି ପରିବାର। ୫ ବର୍ଷ ତଳେ ପଦ୍ମାଙ୍କ ମସ୍ତିଷ୍କ ବିକୃତ ବାହାରିବାରୁ ବାପା ପଡୁ ପରଜା (୬୫) ଏବଂ ମା' ବୈଦ ପରଜା (୫୨) ଝିଅକୁ ଚିକିତ୍ସା କରିବା ପାଇଁ ବିଭିନ୍ନ ଚିକିତ୍ସାଳୟକୁ ନେଇଥିଲେ ମଧ୍ୟ ତାଙ୍କୁ ଭଲ କରାଇପାରି ନାହାନ୍ତି। ପଦ୍ମା ଜୟପୁର ବ୍ଲକ ଖରାଗୁଡା ଗ୍ରାମରେ ବିବାହ କରିବା ପରେ ଏଭଳି ସମସ୍ୟା ଦେଖା ଦେଇଥିବା ଯୋଗୁ ତାଙ୍କ ସ୍ୱାମୀ ପୁଣି ଅନ୍ୟତ୍ର ବିବାହ କରିଛନ୍ତି। ପଦ୍ମା ବର୍ତ୍ତମାନ କଥାବାର୍ତ୍ତା ଠିକ୍‌ଠାକ୍ କରୁଥିଲେ ମଧ୍ୟ ସେ କାହାକୁ କିଛି ନ କହି କେଉଁଆଡ଼େ ଚାଲିଯାଉଥିଲେ। ୨/୫ ଦିନ ପର୍ଯ୍ୟନ୍ତ ଘରକୁ ଫେରୁ ନ ଥିବା ଯୋଗୁ ପରିବାର ଲୋକେ ତାଙ୍କୁ ଶିକୁଳିରେ ବାନ୍ଧି ରଖିବା ପାଇଁ ବାଧ୍ୟ ହୋଇଛନ୍ତି। ପ୍ରଥମେ ପଦ୍ମାଙ୍କୁ ବାପା, ମାଆ କୁନ୍ଦୁରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଜୟପୁର ଉପଖଣ୍ଡ ଚିକିତ୍ସାଳୟ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରିଥିଲେ। ବର୍ତ୍ତମାନ ମଧ୍ୟ ମୁଖ୍ୟ ଚିକିତ୍ସାଳୟରୁ ବାପା ଔଷଧ ଆଣି ପଦ୍ମାଙ୍କୁ ଖୁଆଉଛନ୍ତି। ଆଦିବାସୀ (ପରଜା) ସମ୍ପ୍ରଦାୟର ଏବଂ ଅତି ଗରିବ ଶ୍ରେଣୀର ହୋଇଥିବା ଯୋଗୁ ଅଧିକ ଚିକିତ୍ସା କରାଇବା ସେମାନଙ୍କ ପକ୍ଷେ ସମ୍ଭବ ହୋଇପାରୁ ନାହିଁ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ୩୦ କେଜି ଚାଉଳରେ ସେମାନଙ୍କ ଜୀବନ ବିତୁଛି। ନୂଆଣିଆ ଚାଳଛପର ଖଣ୍ଡିକରେ ପରିବାର ଲୋକେ ଚଳୁଛନ୍ତି। କୁନ୍ଦୁରାଠାରେ ହୋଇଥିବା ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ବିଶେଷଜ୍ଞମାନଙ୍କ ଦ୍ୱାରା ମଧ୍ୟ ପଦ୍ମାଙ୍କୁ ଚିକିତ୍ସା କରାଯାଇଥିବା ପରିବାର ଲୋକେ କହିଛନ୍ତି। ରହିବା ପାଇଁ କେବଳ ଚାଳଘର ଏବଂ ବୃଦ୍ଧ ବାପା ମାଆ ଯାହା ରୋଜଗାର କରୁଛନ୍ତି, ସେତିକିରେ ସେମାନଙ୍କୁ ଗୁଜୁରାଣ ଚଳୁଛି। ପ୍ରଶାସନ ଓ ପଞ୍ଚାୟତ ସମିତି କାର୍ଯ୍ୟାଳୟର ହାତ ପାହାନ୍ତାରେ ଏହି ସମସ୍ୟା ରହିଥିବା ସ୍ଥଳେ ବ୍ଲକ ପ୍ରଶାସନ କିମ୍ବା ସାମାଜିକ ସୁରକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟିଦେବାରେ ବିଳମ୍ବ କରୁଛି। ମସ୍ତିଷ୍କ ବିକୃତ ଝିଅକୁ ଧରି ଚଳୁଥିବା ବୃଦ୍ଧାବୃଦ୍ଧଙ୍କୁ ଆବାସ ଯୋଜନା ମିଳିବାରେ ପ୍ରଶାସନର ପାତର ଅନ୍ତର ନୀତିକୁ ଗ୍ରାମବାସୀ ନିନ୍ଦା କରିଛନ୍ତି।



